# NATIONAL NEWS BULLETIN (ODIA)
## 25 May - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- 'ଅପରେସନ୍ ସିନ୍ଦୂର' ଏକ ସାମରିକ ଅଭିଯାନ ନୁହେଁ ବରଂ ସଂକଳ୍ପ ଓ ସାହସର ପ୍ରତୀକ ବୋଲି 'ମନ୍ କି ବାତ୍' କାର୍ଯ୍ୟକ୍ରମରେ କହିଲେ ପ୍ରଧାନମନ୍ତ୍ରୀ
- ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ସୁଶାସନ ପ୍ରସଙ୍ଗ ଉପରେ ହେଲା ଆଲୋଚନା
- ଆସନ୍ତାକାଲି ଅନୁଷ୍ଠିତ ହେବ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୩୮ ତମ କେନ୍ଦ୍ରୀୟ ଶିକ୍ଷାର୍ଥୀ ପରିଷଦ ବୈଠକ
- ୟୁକ୍ରେନ୍ ବିରୁଦ୍ଧରେ ରୁଷ୍‌ର ମିଳିତ କ୍ଷେପଣାସ୍ତ୍ର ଆକ୍ରମଣରେ ୧୨ ଜଣ ନିହତ

ଏବଂ

- ଆଇପିଏଲ୍‌ର ଆଜିକାର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସ' ଗୁଜୁରାଟ ଟାଇଟାନ୍ସକୁ ୮୩ ରନ୍‌ରେ କଲା ପରାସ୍ତ

– ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ବ୍ୟାଟିଂ କରିବାକୁ ନେଲା ନିଷ୍ପତ୍ତି

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀର ମନ୍ କି ବାତ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି 'ଅପରେସନ ସିନ୍ଦୂର' ସାରା ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବା ଲାଗି ନୂଆ ଉତ୍ସାହ ଏବଂ ଆତ୍ମବିଶ୍ୱାସ ପ୍ରଦାନ କରିଛି ବୋଲି କହିଛନ୍ତି। ଅପରେସନ ସିନ୍ଦୂର ସମୟରେ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ବୀରତ୍ୱକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଶ୍ରୀ ମୋଦୀ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଧ୍ୱଂସ କରିଥିବା ସଶସ୍ତ୍ର ବାହିନୀର ସଠିକ୍ ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ସମଗ୍ର ଦେଶ ଆତଙ୍କବାଦ ବିରୋଧୀ ଲଢ଼େଇରେ ଏକଜୁଟ ହୋଇଛନ୍ତି। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସରକାର ସଂକଳ୍ପବଦ୍ଧ । ଅପରେସନ ସିନ୍ଦୂର କେବଳ ଏକ ସାମରିକ ଅଭିଯାନ ନୁହେଁ, ବରଂ ଦେଶର ସଂକଳ୍ପ ଓ ସାହସର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଛନ୍ତି, । ସେ କହିଛନ୍ତି, ସମଗ୍ର ଦେଶକୁ ଏହା ଦେଶାତ୍ମବୋଧ ଭାବନାରେ ଜାଗ୍ରତ କରାଇଛି ।

**V/O- PM-SINDOOR**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ସେନା ଅଦମ୍ୟ ସାହସର ସହିତ ସ୍ୱଦେଶରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଥିଲେ ।

ଶ୍ରୀ ମୋଦୀ ଇଞ୍ଜିନିୟର ଏବଂ ଟେକ୍ନିସିଆନ୍‌ମାନଙ୍କ କଠିନ ପରିଶ୍ରମକୁ ବିଜୟର ଶ୍ରେୟ ଦେଇଛନ୍ତି । ସେ କହିଛନ୍ତି, ଏହି ଅଭିଯାନ ପରେ ସମଗ୍ର ଦେଶରେ ଭୋକାଲ୍ ଫର୍ ଲୋକାଲ ପ୍ରତି ନୂଆ ଉତ୍ସାହ ଦେଖାଦେଇଛି ।

ଶ୍ରୀ ମୋଦୀ କହିଛନ୍ତି, ଜନଭାଗିଦାରୀ ଭାରତର ବାସ୍ତବିକ ଶକ୍ତି ଅଟେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭାରତରେ ପ୍ରସ୍ତୁତ ଉତ୍ପାଦ କିଣିବା ସମୟରେ ପ୍ରାଥମିକତା ଦେବାକୁ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି । ଏହା ଆର୍ଥିକ ସ୍ୱାବଲମ୍ବନ ସହ ଦେଶ ଗଠନରେ ଭାଗିଦାରିତାକୁ ପ୍ରତିପାଦିତ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆନ୍ତର୍ଜାତିକ ଯୋଗ ଦିବସ ଆସନ୍ତା ମାସ ୨୧ ତାରିଖରେ ପାଳନ କରାଯିବ । ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ଏହି ଦିବସ ସମସ୍ତଙ୍କୁ ମନେପକାଇଦିଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଖେଲୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତାରେ ରେ ମହାରାଷ୍ଟ୍ର, ହରିଆଣା ଓ ରାଜସ୍ଥାନର ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ,

ମହାରାଷ୍ଟ୍ରର ଅସ୍ମିତା ଧୋନ୍ ଏବଂ ଉତ୍ତରପ୍ରଦେଶର ତୁଷାର ଚୌଧୁରୀଙ୍କ ପ୍ରଦର୍ଶନକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ଏନ୍‌ଡିଏ– ଗଭର୍ଣ୍ଣାନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ– ଏନ୍.ଡି.ଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସୁଶାସନ ପ୍ରସଙ୍ଗ ଉପରେ ଏକ ଦିନିକିଆ ଆଲୋଚନା କରାଯାଇଥିଲା। ବିଜେପି ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ୨୦ଟି ଏନ୍.ଡି.ଏ. ଶାସିତ ରାଜ୍ୟର ୨୦ ଜଣ ମୁଖ୍ୟମନ୍ତ୍ରୀ ଏବଂ ୧୮ ଜଣ ଉପମୁଖ୍ୟମନ୍ତ୍ରୀ ଆଲୋଚନାରେ ଭାଗ ନେଇଥିଲେ। ବିଜେପିର ସୁଶାସନ ବିଭାଗ ଦ୍ୱାରା ଆୟୋଜିତ ଏହି ବୈଠକରେ ଦୁଇଟି ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଥମ ପ୍ରସ୍ତାବ ଅପରେସନ୍ ସିନ୍ଦୂର ସହିତ ଜଡ଼ିତ ଥିବା ବେଳେ ଦ୍ୱିତୀୟ ପ୍ରସ୍ତାବଟି ଜାତିଗଣନା କରିବା ଉପରେ ସରକାରଙ୍କ ନିଷ୍ପତ୍ତି ସହିତ ସମ୍ପୃକ୍ତ ଥିଲା। ବୈଠକ ପରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ବିଜେପି ସଭାପତି ଜେ.ପି.ନଡ୍ଡା କହିଛନ୍ତି, ଅପରେସନ୍ ସିନ୍ଦୂର ସମ୍ବନ୍ଧୀୟ ପସ୍ତାବରେ ନେତାମାନେ ପାକିସ୍ତାନରେ ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ନଷ୍ଟ କରିବାରେ ଭାରତୀୟ ସଶସ୍ତ୍ର ବାହିନୀର ସାହସକୁ ପ୍ରଶଂସା କରିଥିଲେ।  ବିଜେପି

ଜାତିବାଦକୁ ନେଇ ରାଜନୀତି କରେ ନାହିଁ, ସେମାନଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରିବାର ଆବଶ୍ୟକତା ଉପରେ ଦଳ ଗୁରୁତ୍ୱ ପ୍ରଦାନ କରିଥାଏ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ବୈଠକରେ ଗତ ଜୁନ୍ ୨ ତାରିଖରେ ଗଠିତ ଏନ୍.ଡି.ଏ. ସରକାରଙ୍କ ପ୍ରଥମ ବାର୍ଷିକୀ ପାଳନ, ଆନ୍ତର୍ଜାତୀୟ ଯୁବ ଦିବସର ଏକ ଦଶନ୍ଧି ପୂରଣ ଏବଂ ଜୁନ୍ ୨୫ ତାରିଖରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାର ୫୦ତମ ବାର୍ଷିକୀ ସମେତ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

## ଜୟନ୍ତ- ସିଏସି ମିଟିଂ

ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆସନ୍ତାକାଲି ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ୩୮ତମ କେନ୍ଦ୍ରୀୟ ଶିକ୍ଷାର୍ଥୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଏହି ପରିଷଦ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଜୟନ୍ତୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ୨୦୨୪ ମସିହା ଅକ୍ଟୋବର ମାସରେ ପୁର୍ନଗଠିତ ହୋଇଥିଲା। ଏହି ପରିଷଦ ସାରା ଦେଶରେ ଶିକ୍ଷାର୍ଥୀ ତାଲିମ ସହିତ ଜଡ଼ିତ ପ୍ରମୁଖ ନୀତି ଉପରେ ସରକାରଙ୍କୁ ପରାମର୍ଶ ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶିକ୍ଷାର୍ଥୀମାନଙ୍କର ଭବିଷ୍ୟତ' ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସୁଯୋଗ ଉପରେ ନିର୍ଭର କରିଥାଏ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି। ୩୮ତମ କେନ୍ଦ୍ରୀୟ ଶିକ୍ଷାର୍ଥୀ ପରିଷଦ ବୈଠକରେ

ଡିଜିଟାଲ ଏବଂ ଭର୍ଚୁଆଲ ମୋଡରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା, ଶିକ୍ଷାର୍ଥୀମାନଙ୍କର ବିଶ୍ୱସ୍ତରୀୟ ନିଯୁକ୍ତି ବ୍ୟବସ୍ଥା, ମୁଦ୍ରାସ୍ଫୀତି ସହିତ ଜଡ଼ିତ ଷ୍ଟାଇପେନ୍ ହାର, ଉତ୍ତର-ପୂର୍ବାଞ୍ଚଳର ମହିଳା, ଦିବ୍ୟାଙ୍ଗ ଏବଂ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିଚାରବିମର୍ଶ କରାଯିବ ।

## ରୁଷ୍-ୟୁକ୍ରେନ୍

ରୁଷ୍ ଦ୍ୱାରା କରାଯାଇଥିବା ମିଳିତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ଆଜି ପ୍ରତ୍ୟୁଷରେ ୟୁକ୍ରେନ୍‌ରେ ତିନିଜଣ ଶିଶୁଙ୍କ ସମେତ ୧୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । କିଭ୍ ଅଞ୍ଚଳରେ ୪ ଜଣ ପ୍ରାଣ ହରାଇଥିବା ବେଳେ ୨୩ ଜଣ ଆହତ ହୋଇଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସେହିପରି କିଭ୍‌ରେ ଲଗାତାର ଆକ୍ରମଣରେ ଅନ୍ୟ ୧୧ ଜଣ ଆହତ ହୋଇଥିବା ବେଳେ କେତେକ କୋଠା ନଷ୍ଟ ହୋଇଯାଇଥିବା କିଭ୍ ମେୟର ଭିଟାଲି କ୍ଲିଟ୍ସ୍କୋ କହିଛନ୍ତି । ୟୁକ୍ରେନ୍ ବାୟୁସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରମଣରେ ୫୬ଟି କ୍ରୁଜ୍ କ୍ଷେପଣାସ୍ତ୍ର, ୯ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୪ଟି ଗାଇଡେଡ୍ କ୍ଷେପଣାସ୍ତ୍ର ଏବଂ ୨୯୮ଟି ଯୁଦ୍ଧ ଡ୍ରୋନ୍ ସାମିଲ ହୋଇଥିଲା । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହା ରୁଷ୍–ୟୁକ୍ରେନ୍ ସଂଘର୍ଷର ଏ ପର୍ଯ୍ୟନ୍ତ ସବୁଠାରୁ ବଡ଼ ବିମାନ ଆକ୍ରମଣ ଥିଲା । ୨୦୨୨ ମସିହା ଫେବୃଆରୀ ମାସରେ ରୁଷ୍ ୟୁକ୍ରେନ୍ ବିରୁଦ୍ଧରେ ସାମରିକ ଅଭିଯାନ ଆରମ୍ଭ କରିଥିଲା ଏବଂ ମସ୍କୋ

ବର୍ତ୍ତମାନ ୟୁକ୍ରେନ୍ ଅଞ୍ଚଳର ପ୍ରାୟ ୨୦ ପ୍ରତିଶତ ଅଞ୍ଚଳ ନିଜ ନିୟନ୍ତ୍ରଣରେ ରଖିଛି ।

## ବିହାର-ଏସ୍ଏସ୍ବି ନିତ୍ୟାନନ୍ଦ

ନେପାଳ ଏବଂ ଭୂଟାନ ସୀମାରେ ସୀମା ସୁରକ୍ଷା ପରିଚାଳନା ଏବଂ ଦେଶର ସାର୍ବଭୌମତ୍ୱ ରକ୍ଷା କରିବାରେ ସଶସ୍ତ୍ର ସୀମାବଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି । ଶ୍ରୀ ରାୟ କହିଛନ୍ତି, ସଶସ୍ତ୍ର ସୀମାବଳର କର୍ମଚାରୀମାନଙ୍କୁ ଆଧୁନିକୀକରଣ, ସମ୍ବଳ, ଉନ୍ନତ ତାଲିମ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ବିହାରର ସୁପୌଲର ଆସନପୁର କୁପାହାରେ ଠାରେ ଅଷ୍ଟମ ମୌଳିକ ନିଯୁକ୍ତି ତାଲିମ ପାଠ୍ୟକ୍ରମର ପାସିଂ ଆଉଟ୍ ପରେଡ୍‌ରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ରାୟ ସମ୍ବୋଧନ କରିବା ସହ ୫୬ ଜଣ ପ୍ରଶିକ୍ଷାର୍ଥୀ କ୍ୟାଡେଟ୍ ପାସଆଉଟ୍ ହୋଇଥିଲେ । ଶ୍ରୀ ରାୟ ତାଲିମ ସମୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରିଥିଲେ ।

## ବିହାର-ଲାଲୁ ପ୍ରସାଦ

ବିହାରରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଆଜି ତାଙ୍କର ଜ୍ୟେଷ୍ଠପୁତ୍ର ତଥା ପୂର୍ବତନ ମନ୍ତ୍ରୀ ତେଜ ପ୍ରସାଦ ଯାଦବଙ୍କୁ ଅଶୋଭନୀୟ ଏବଂ ଦାୟିତ୍ୱହୀନ ଆଚରଣ ପାଇଁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର

କରିଛନ୍ତି। ତେଜ ପ୍ରସାଦ ଯାଦବଙ୍କ କଥିତ ବନ୍ଧୁଙ୍କ ଏକ ବିବାଦୀୟ ସାମାଜିକ ଗଣମାଧ୍ୟମ ପୋଷ୍ଟ ଭାଇରାଲ ହେବା ପରେ ଶ୍ରୀ ପ୍ରସାଦ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି ନିଷ୍ପତ୍ତି ବିଷୟ ଘୋଷଣା କରିଛନ୍ତି। ତେଜ ପ୍ରସାଦ ଯାଦବଙ୍କ ଆଚରଣ, ପରିବାରର ମୂଲ୍ୟବୋଧ ଏବଂ ଦଳର ନୀତି ବିରୁଦ୍ଧାଚରଣ କରୁଛି ବୋଲି ଶ୍ରୀ ଯାଦବ କହିଛନ୍ତି। ଶ୍ରୀ ପ୍ରସାଦ ମଧ୍ୟ ତେଜ ପ୍ରସାଦ ଯାଦବଙ୍କ ଦଳ ଏବଂ ପରିବାରରୁ ଦୂରେଇ ରଖିବାକୁ ଘୋଷଣା କରିଛନ୍ତି। ଲାଲୁ ଯାଦବଙ୍କ ସାନ ପୁଅ ତଥା ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ପ୍ରସାଦ ଯାଦବ ତାଙ୍କ ପିତାଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି।

## ଏଚ୍‌ପି- ଫ୍ଲଡ୍

ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାର ନିର୍ମାଣ୍ଡ ଅଞ୍ଚଳରେ ଥିବା ଜଗତଖାନରେ ଗତକାଲି ସନ୍ଧ୍ୟାରେ ବାଦଲ ଫଟା ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଜଳରେ ଅନେକ ଯାନବାହନ ଭାସି ଯାଇଥିବା ସୂଚନା ମିଳିଛି। କେତେକ ଅଞ୍ଚଳରେ କୁଆପଥର ବୃଷ୍ଟିପାତ ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପାଣିପାଗ ପରିସ୍ଥିତି ଯୋଗୁଁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନଦୀ ଓ ଝରଣାଠାରୁ ଦୂରରେ ରହିବା ଲାଗି ପରାମର୍ଶ ଦିଆଯାଇଛି।

## ହକି- ୪ ନେସନ୍ ଟୁର୍ଣ୍ଣାମେଣ୍ଟ

ଭାରତୀୟ ଜୁନିୟର ହକି ମହିଳା ଦଳ ଆଜି ଚର୍ତୁଦେଶୀୟ ପ୍ରତିଯୋଗିତାରେ ସକାରାତ୍ମକ ଭାବେ କ୍ରୀଡ଼ା ପ୍ରଦର୍ଶନ କରିଛି। ଆର୍ଜେଣ୍ଟିନାର ରୋଜାରିଓଠାରେ ଭାରତୀୟ ଦଳ ଚିଲିକୁ ୨-୧ ଗୋଲରେ ପରାସ୍ତ କରିଛି।

ଭାରତ ଆସନ୍ତାକାଲି ଉରୁଗୁଏ ବିପକ୍ଷରେ ଖେଳିବ। ଭାରତ ଓ ଚିଲି ସମେତ ଆର୍ଜେଣ୍ଟିନା ଏବଂ ଉରୁଗୁଏ ଏହି ପ୍ରତିଯୋଗିତାରେ ସାମିଲ ଅଛନ୍ତି। ପ୍ରତିଯୋଗିତା ଜୁନ୍ ୨ ତାରିଖରେ ଶେଷ ହେବ।

## ଆଇପିଏଲ୍

ଅହମ୍ମଦାବାଦାର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସ' ଗୁଜୁରାଟ ଟାଇଟନ୍ସ ବିପକ୍ଷରେ ୮୩ ରନ୍‌ରେ ବିଜୟ ହାସଲ କରିଛି। ଆଜି ହୋଇଥିବା ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସ ପ୍ରଥମେ ବ୍ୟାଟିଂ କରି ୨୩୦ ରନ୍ ସଂଗ୍ରହ କରିଥିଲା। ୨୩୧ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜୁରାଟ ଟାଇଟନ୍ସ ୧୮ ଓଭର ୩ଟି ବଲରେ ସମସ୍ତ ୱିକେଟ୍ ହରାଇ ୱିକେଟ୍ ହରାଇ ୧୪୭ ରନ୍ ସଂଗ୍ରହ କରିଛି। ଚେନ୍ନାଇ ସୁପରକିଙ୍ଗ୍‌ସ ପକ୍ଷରୁ ଡେୱାଲ୍ଡ ବ୍ରେଭିସ୍ ସର୍ବାଧିକ ୫୭ ରନ୍ ସଂଗ୍ରହ

କରିଥିବାବେଳେ କନୱେ ୫୨ ରନ୍ ସଂଗ୍ରହ କରିଛନ୍ତି। ଗୁଜୁରାଟ ଟାଇଟନ୍ସ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି।

ଆଉ କିଛି ସମୟ ପରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମଠାରେ ସନରାଇଜର୍ସ ହାଇଦ୍ରାବାଦ ଏବଂ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଟସ୍ ଜିତି ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଛି।